# NATIONAL NEWS BULLETIN (ODIA)

**29 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ କରୁଛନ୍ତି ସରକାର - କହିଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତାକାଲିଠାରୁ ଆରମ୍ଭ ହେବ ଚଳିତବର୍ଷର ଚାରଧାମ ଯାତ୍ରା ।
- କାନାଡା ନିର୍ବାଚନରେ ବିଜୟଲକ୍ଷ୍ୟ ଆଡକୁ ଅଗ୍ରସର ହେଉଛି ଲିବେରାଲ ପାର୍ଟି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ୍ ମଧ୍ୟରେ ହେବ ମୁକାବିଲା ।

---

# ପିଏମ୍-ଓ୍ୱାଇୟୁଜିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଦେଶର ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ କରୁଛନ୍ତି । ସେ କହିଛନ୍ତି ଦେଶର ପ୍ରତ୍ୟେକ ଛାତ୍ରଛାତ୍ରୀ ଯେଭଳି ବିଶ୍ୱସ୍ତରୀୟ ଜ୍ଞାନ ଆହରଣ କରିପାରିବେ ସେ ନେଇ ସରକାର

ପଦକ୍ଷେପ ଗ୍ରହଣ କରୁଛନ୍ତି । ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଯୁଗ୍ମ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗୋଟିଏ ମଞ୍ଚରେ ସରକାର, ଶିକ୍ଷାବିତ୍, ଶିଳ୍ପ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରାଯାଇଛି । ସେ କହିଛନ୍ତି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନଙ୍କୁ ପ୍ରସ୍ତୁତ କରିବା ଲାଗି ନୂଆ ଶିକ୍ଷାନୀତି ଦିଗ୍‌ଦର୍ଶନ ଦେବ । ଭାରତର ଭବିଷ୍ୟତକୁ ଜ୍ଞାନ, ସଦିଚ୍ଛା ଏବଂ ପ୍ରଯୁକ୍ତିବିଦ୍ୟା ଶୀର୍ଷସ୍ତରକୁ ନେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

**V/O (PM Modi Yugma)**

ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଭାରତର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅତ୍ୟାଧୁନିକୁ କେନ୍ଦ୍ରଗୁଡ଼ିକ ସ୍ଥାପନ କରାଯାଇ ଯୁବପୀଢ଼ିଙ୍କ ମଧ୍ୟରେ ନବସୃଜନାତ୍ମକ ଭାବନା ଉଦ୍ରେକ କରାଯାଉଛି । ଚଳିତବର୍ଷ ବଜେଟ୍‌ରେ ଆଇଆଇଟି ଗୁଡ଼ିକରେ ଆସନ ବୃଦ୍ଧି ନିମନ୍ତେ ସୁପାରିଶ କରାଯାଇଥିବା ଶ୍ରୀ ମୋଦୀ କହିଛନ୍ତି । ଏମ୍‌ସ ସମେତ ଆଇଆଇଟି ଗୁଡ଼ିକରେ ଔଷଧ ସମ୍ବନ୍ଧୀୟ ଅନେକ ଗୁଡ଼ିଏ ପାଠ୍ୟକ୍ରମ ପ୍ରଚଳନ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Modi -2)**

# ଚାର୍ ଧାମ୍ ଯାତ୍ରା

ଚଳିତ ବର୍ଷର ଚାରିଧାମ ଯାତ୍ରା ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି । ଏହାର ପ୍ରସ୍ତୁତି ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମି ଗତକାଲି

ରାଜ୍ୟର ବିଭିନ୍ନ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଧାମି କହିଛନ୍ତି, ଆସନ୍ତା ୨ ତାରିଖରେ ଶ୍ରଦ୍ଧାଳୁ କେଦାରନାଥ ଧାମକୁ ଦର୍ଶନ ପାଇଁ ଯାଇ ପାରିବେ । ଏଥିପାଇଁ ଗତକାଲି ଠାରୁ ପଞ୍ଜିକରଣ ଆରମ୍ଭ ହୋଇସାରିଛି । ଦିବ୍ୟାଙ୍ଗ, ବରିଷ୍ଠ ଏବଂ ବିଦେଶୀ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି । ଏପରିକି ୨୦ଟି ନିଶୁଳ୍କ ରେଜିଷ୍ଟ୍ରେସନ୍ କାଉଣ୍ଟର ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁ ଏହି ଚାରି ଧାମ ଗସ୍ତ ଅବସରରେ ଜମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ସ୍ଥଳକୁ ପରିଦର୍ଶନରେ ଯାଇପାରିବେ ।

## ସାଜି ଏନ୍ କରୁନ ପାସ୍‌ଡ ଆୱେ

ବିଶିଷ୍ଟ ମାଲାୟଲମ ଚଳଚ୍ଚିତ୍ର ନିର୍ମାତା ଓ ସିନେମାଟୋଗ୍ରାଫର ସାଜି ଏନ୍ କରୁନଙ୍କର ପରଲୋକ ଘଟିଛି । ତିରୁବନନ୍ତପୁରମରେ ୭୩ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । ୧୯୮୮ ମସିହାରେ ତାଙ୍କ ନିର୍ମିତ ପ୍ରଥମ ସିନେମା ପିରଭି ୭୦ଟି ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଥିଲା । ୧୯୯୪ ମସିହାରେ ଦ୍ୱିତୀୟଥର ପାଇଁ ତାଙ୍କଦ୍ୱାରା ପ୍ରସ୍ତୁତ ସିନେମା କେନ୍‌ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାପାଇଁ ମନୋନୀତ

ହୋଇଥିଲା । ୧୯୯୯ ମସିହାରେ ତାଙ୍କର ଅନ୍ୟତମ ଚଳଚ୍ଚିତ୍ର ବାଣପ୍ରସ୍ତମ ମଧ୍ୟ କେନ୍‌ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା । ଚଳଚ୍ଚିତ୍ର ପାଇଁ ତାଙ୍କୁ ୭ଥର ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବହୁଥର ସେ କେରଳ ରାଜ୍ୟ ସମ୍ମାନ ହାସଲ କରିଥିଲେ । କିଛିଦିନ ପୂର୍ବରୁ ତାଙ୍କୁ ମାଲାୟଲମ ଚଳଚ୍ଚିତ୍ରକୁ ଜୀବନବ୍ୟାପୀ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ ଜେସି ଡାନିଏଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପିକେ-ସିନ୍ଧୁ ନଦୀ

ପାକିସ୍ତାନର ସିନ୍ଧ ପ୍ରଦେଶରେ ସିନ୍ଧୁ ନଦୀ ଉପରେ ନିର୍ମାଣ କରାଯାଉଥିବା ୬ଟି ନୂତନ କେନାଲ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ ଜୋର୍‌ଦାର ହୋଇଛି । ଆଇନ୍‌ଜୀବୀ, ସାମାଜିକ କାର୍ଯ୍ୟକର୍ତ୍ତା ଓ ସାଧାରଣ ଲୋକମାନେ ଏହି କେନାଲ ପ୍ରକଳ୍ପକୁ ବିରୋଧ କରିଛନ୍ତି । ୨୦୨୪ ମସିହା ଜୁଲାଇ ମାସରେ ପାକିସ୍ତାନର ରାଷ୍ଟ୍ରପତି ଅସିଫ୍ ଅଲ୍ଲୀ ଜରଦାରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ଏହି ପ୍ରକଳ୍ପ ମାଧ୍ୟମରେ ବହୁ ଅଣସେଚିତ ଜମିକୁ ଜଳ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହାକୁ ନେଇ ରାଜନୈତିକ ବାଦବିବାଦ ଦେଖାଦେଇଛି । ସିନ୍ଧ

ଅଞ୍ଚଳବାସୀ ମାନେ ଏହି ପ୍ରକଳ୍ପ ଦ୍ୱାରା ଏଠାରେ ଜଳସଙ୍କଟ ଦେଖାଦେବ ବୋଲି ଅଭିଯୋଗ କରିଛନ୍ତି ।

## କାନାଡା ଇଲେକ୍ସନ

କାନାଡା ନିର୍ବାଚନରେ ଲିବେରାଲ ପାର୍ଟି ପ୍ରାର୍ଥୀ ମାର୍କ କାର୍ଣ୍ଣି ବିଜୟଲକ୍ଷ୍ୟ ଆଡକୁ ଅଗ୍ରସର ହେଉଛନ୍ତି । ଲିବେରାଲ ପ୍ରାର୍ଥୀମାନେ ୧୬୭ଟି ଆସନରେ ଆଗୁଆ ଥିବାବେଳେ ପିୟର ପଲିଭରଙ୍କ ନେତୃତ୍ୱାଧୀନ କନ୍‌ଜରଭେଟିଭ ପାର୍ଟିର ପ୍ରାର୍ଥୀମାନେ ୧୪୫ଟି ଆସନରେ ଆଗୁଆ ଅଛନ୍ତି । ସରକାର ଗଠନ ପାଇଁ ଗୋଟିଏ ରାଜନୈତିକ ଦଳକୁ ୩୪୩ଟି ଆସନ ମଧ୍ୟରୁ ୧୭୨ଟିରେ ବିଜୟ ହାସଲ କରିବାକୁ ପଡିବ । ଆଜି ଦଳୀୟ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ ଲିବେରାଲ ପାର୍ଟିର କାର୍ଣ୍ଣି କାନାଡାକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାକୁ ଭାଗ ଭାଗ କରିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାହା ସଫଳ ହେବ ନାହିଁ ।

ସୂଚନାଯୋଗ୍ୟ ୩ ମାସ ତଳେ ଜଷ୍ଟିନ ଟ୍ରୁଡୁଙ୍କଠାରୁ ନେତୃତ୍ୱ ଗ୍ରହଣ କରିଥିବା କାର୍ଣ୍ଣି ଦୃଢ଼ ମୁକାବିଲାର ସମ୍ମୁଖୀନ ହୋଇଛନ୍ତି ।

## ପିଏମ୍ ପଦ୍ମ ଆୱାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ଯୋଗଦେବା ପରେ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି

ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଅତୁଳନୀୟ କାର୍ଯ୍ୟକୁ ସମ୍ମାନ ଜଣାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

ଗତକାଲି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ସେଥିମଧ୍ୟରେ ୭ଟି ପଦ୍ମ ବିଭୂଷଣ, ୧୯ଟି ପଦ୍ମଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି । ବିଶିଷ୍ଟ ଭାଓଲିନ୍ ବାଦକ ଏବଂ କମ୍ପୋଜର ଡକ୍ଟର ଏଲ୍. ସୁବ୍ରମଣିୟାନ୍ ଏବଂ ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋଲୋଜିଷ୍ଟ୍ ଏନ୍. ନାଗେଶ୍ୱର ରେଡ୍ଡୀ, ପ୍ରସାର ଭାରତୀର ଅଧ୍ୟକ୍ଷ ଏ.ସୂର୍ଯ୍ୟକୁମାର, ଚଳଚ୍ଚିତ୍ର ଅଭିନେତା ଅନନ୍ତ ନାଗ, ନନ୍ଦମୁରୀ ବାଳକ୍ରିଷ୍ଣନ ଏବଂ ଏସ୍.ଅଜିତ କୁମାର, ଭାରତନାଟ୍ୟମ୍‌ର ନୃତ୍ୟଶିଳ୍ପୀ ଶୋଭା ଚନ୍ଦ୍ର କୁମାର ଓ ଭାରତୀୟ ପୁରୁଷ ହକି ଦଳର ପୂର୍ବତନ ଅଧିନାୟକ ପି.ଆର୍. ଶ୍ରୀଜେସ୍ ପ୍ରମୁଖଙ୍କୁ ସମ୍ମାନିତ କରାଯାଉଛି ।

ଓଡ଼ିଶାରୁ ଅଦ୍ୱୈତ ଚରଣ ଗଡ଼ନାୟକ, ଡାକ୍ତର ଅଶୋକ କୁମାର ମହାପାତ୍ର, ଦୁର୍ଗାଚରଣ ରଣବୀର ଏବଂ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଅଛନ୍ତି ।

## ଡବ୍ଲୁବି-ଜଗନ୍ନାଥ ଧାମ

ପଶ୍ଚିମବଙ୍ଗର ପୂର୍ବ ମେଦିନପୁରସ୍ଥିତ ଦୀଘାଠାରେ ଆସନ୍ତାକାଲି ଉଦ୍‌ଘାଟନ ହେବାକୁ ଥିବା ଜଗନ୍ନାଥ ଧାମ ଏବଂ ସଂସ୍କୃତି କେନ୍ଦ୍ର ନିମନ୍ତେ

ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ସକାଳଠାରୁ ଯଜ୍ଞ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ଇସ୍କନର ପୂଜକମାନେ ପୂଜାର୍ଚ୍ଚନା କାର୍ଯ୍ୟ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ସଂଧ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ସମ୍ଭାବନା ରହିଛି । ମନ୍ଦିର ପ୍ରଶାସନ ଠାରୁ ମିଳିଥିବା ସୂଚନା ଅନୁଯାୟୀ ପୁର୍ଣ୍ଣାହୂତୀରେ ୧୦୦ କ୍ୱିଣ୍ଟାଲ ଓଜନର ଆମ୍ବ ଏବଂ ବେଲ କାଠ ବ୍ୟବହାର କରାଯିବା ସହ ଦୁଇ କ୍ୱିଣ୍ଟାଲରୁ ଅଧିକ ଘିଅରେ ହୋମକାର୍ଯ୍ୟ କରାଯିବ । ବିଭିନ୍ନ ତୀର୍ଥସ୍ଥଳୀରୁ ପବିତ୍ର ଜଳ ଅଣାଯାଇ ଯଜ୍ଞସ୍ଥଳରେ ଏକ ସ୍ୱତନ୍ତ୍ର କଳସରେ ରଖାଯାଇଛି । ଆସନ୍ତାକାଲି ଯଜ୍ଞ ଶେଷରେ ତ୍ରିମୂର୍ତ୍ତିଙ୍କୁ ଆଡମ୍ବର ସହକାରେ ଆସ୍ଥାନ ଉପରକୁ ନିଆଯିବ ।

## ବିଜେପି-ରାହୁଲ ପିଏମ୍ ଲେଟର

ପହଲଗାମ ଆତଙ୍କୀ ଆକ୍ରମଣ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ନିମନ୍ତେ କଂଗ୍ରେସର ଦାବିକୁ ବିଜେପି ସମାଲୋଚନା କରିଛି । ଦଳୀୟ ମୁଖପାତ୍ର ସେହଜାଦ ପୁନାୱାଲା ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ପ୍ରଥମେ ଏକଥା ପ୍ରକାଶ କରିବା ଉଚିତ୍ ଯେ ଆତଙ୍କୀ ଆକ୍ରମଣ ପରେ କଂଗ୍ରେସ କେଉଁ ପ୍ରସ୍ତାବ ଗ୍ରହଣ କରିଛି । ସେ କହିଛନ୍ତି ସର୍ବଦଳୀୟ ବୈଠକ ସମୟରେ କଂଗ୍ରେସ କେନ୍ଦ୍ର

ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରୁଥିବା ପ୍ରକାଶ କରିଥିଲା । ସେ ଅଭିଯୋଗ କରିଛନ୍ତି ଯେ କେତେକ କଂଗ୍ରେସ ନେତା ଏହି ଘଟଣାରେ ପାକିସ୍ତାନ ପରିବର୍ତ୍ତେ ଭାରତକୁ ଦୋଷ ଦେବାକୁ ଚେଷ୍ଟା ଚଳାଇଛନ୍ତି ।

## ଇରାନ-ୟୁଏସ୍ ଏୟାର ଷ୍ଟ୍ରାଇକ୍

ୟେମେନ୍‌ର ରାଜଧାନୀ ସାନା ଓ ସାଦା ଅଞ୍ଚଳ ସମେତ ଆଫ୍ରିକା ନାଗରିକ ରହୁଥିବା ଏକ ଶିବିର ଉପରେ ଆମେରିକା ପକ୍ଷରୁ ଆକାଶମାର୍ଗରୁ କରାଯାଇଥିବା ଆକ୍ରମଣକୁ ଇରାନ ଦୃଢ଼ ନିନ୍ଦା କରିଛି । ଏକ ବିବୃତ୍ତିରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍‌ମାଇଲ ବାଘେଲ କହିଛନ୍ତି ରବିବାରର ବୋମା ଆକ୍ରମଣକୁ ନିନ୍ଦା କରିଛନ୍ତି । ଏହି ଆକ୍ରମଣରେ ୭୮ଜଣ ପ୍ରାଣ ହରାଇଥିବାବେଳେ ସେମାନଙ୍କ ମଧ୍ୟରେ ୬୮ଜଣ ଆଫ୍ରିକାନ ପ୍ରବାସୀ ଅଛନ୍ତି । ସଂପୃକ୍ତ ପ୍ରବାସୀମାନଙ୍କୁ ସାଦା'ର ଏକ କେନ୍ଦ୍ରରେ ଅଟକ ରଖାଯାଇଥିଲା । ବାଘେଲ କହିଛନ୍ତି ଆମେରିକା ସେନାର ଆକ୍ରମଣ ଯୋଗୁଁ ୟେମେନ୍‌ର ଅନେକଗୁଡ଼ିଏ ଜନବସତି ଅଞ୍ଚଳ କ୍ଷତିଗ୍ରସ୍ତ ହେବା ସହ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

# ଅଟଳ ଅକ୍ଷୟ ଉର୍ଜା ଭବନ

ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ୍ ଅଧୀନରେ ନୂଆଦିଲ୍ଲୀ ଠାରେ ଆଜି ଏକ କର୍ମଶାଳାର ଆୟୋଜନ କରାଯାଇଛି । ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ସୁଯୋଗର ନୂତନ ମାର୍ଗ ବାହାର କରିବା ଲକ୍ଷ୍ୟ ନେଇ ଅଟଳ ଅକ୍ଷୟ ଉର୍ଜା ଭବନରେ ଏହି କର୍ମଶାଳାର ଆୟୋଜନ କରାଯାଇଛି । ସ୍ଥାୟୀ ସବୁଜ ଅର୍ଥନୀତି ପାଇଁ ଏମ୍.ଏସ୍.ଏମ୍.ଇ.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏଥିରେ ମତ ବିନିମୟ ହେବ । ଉତ୍ପାଦନ ଏବଂ ଉପକରଣ ବିକାଶ ଦିଗରେ ବୈଷୟିକ ସହଯୋଗ, ସବୁଜ ଉଦ୍‌ଯାନ ଯୋଗାଣ ଶୃଙ୍ଖଳ ଏବଂ ମୂଲ୍ୟ ଶୃଙ୍ଖଳାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ ଲକ୍ଷ୍ୟ ନେଇ ଏହି କର୍ମଶାଳାରେ ଆଲୋଚନା ହେବାର ସମ୍ଭାବନା ରହିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ୍ ମଧ୍ୟରେ ଦିଲ୍ଲୀ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ମୁକାବିଲା ହେବ ।

ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ଗୁଜୁରାଟ ଟାଇଟନ୍ସ ବିପକ୍ଷରେ ବିଜୟୀ ହୋଇଛି ।  ରାଜସ୍ଥାନ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୩୫ଟି ବଲ୍‌ରୁ ଶତକ ଅର୍ଜନ କରିଥିଲେ । ମାତ୍ର ୧୪ ବର୍ଷ ୩୨ ଦିନର

ବୟସରେ ବୈଭବ ଏହି ଶତକ ହାସଲ କରି ଆଇପିଏଲ୍ କ୍ରିକେଟ୍ ଇତିହାସରେ ସର୍ବକନିଷ୍ଠ ଖେଳାଳିର ମାନ୍ୟତା ହାସଲ କରିଛନ୍ତି । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ପଏଣ୍ଟ ଟେବୁଲରେ ବେଙ୍ଗାଲୁରୁ ଦଳ ୧୪ ପଏଣ୍ଟ ସହ ପ୍ରଥମସ୍ଥାନରେ ଥିବାବେଳେ ମୁମ୍ବାଇ ଦଳ ଦ୍ୱିତୀୟ ଓ ଗୁଜୁରାଟ ତୃତୀୟ ସ୍ଥାନରେ ରହିଛନ୍ତି । ଟେବୁଲରେ ୪ ପଏଣ୍ଟ ପାଇଁ ଚେନ୍ନାଇ ଦଳ ନିମ୍ନରେ ରହିଛି ।